# ଜିଲ୍ଲା ନିଯୁକ୍ତି ମିଶନ, ଯାଜପୁର

## ନିଯୁକ୍ତିଭିତିକ ପ୍ରଶିକ୍ଷଣ ନିମନ୍ତେ ବ୍ଲକ ସ୍ତରୀୟ ପରାମର୍ଶ ଶିବିର

**ପଞ୍ଚମ ପାସ ଠାରୁ ଉର୍ଦ୍ଧ୍ୱ ଏବଂ ସ୍କୁଲ ଓ କଲେଜ ପାଠ୍ୟକ୍ରମ ମଝିରେ ଛାଡିଥିବା ବେକାର ଯୁବଯୁବତୀ ମାନଙ୍କୁ ନିଯୁକ୍ତି ଭିତିକ ପ୍ରଶିକ୍ଷଣ ।**

ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ଆନୁକୂଲ୍ୟରେ ଯାଜପୁର ଜିଲ୍ଲା ନିଯୁକ୍ତି ମିଶନ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଜିଲ୍ଲାର ବେକାର ଯୁବକ ଯୁବତୀମାନଙ୍କ ଦକ୍ଷତା ବୃଦ୍ଧି ସହିତ ସେମାନଙ୍କୁ କେତେକ ଅଗ୍ରଣୀ ବେସରକାରୀ ସଂସ୍ଥାମାନଙ୍କ ସହଭାଗିତାରେ ଚାହିଦା ଥିବା ସେକ୍ଟର ଗୁଡିକରେ ନିଯୁକ୍ତି ଭିତିକ ସ୍ୱଳ୍ପ ଅବଧି ତାଲିମ ପାଇଁ ବ୍ଲକ ସ୍ତରୀୟ ପରାମର୍ଶ ଶିବିର ତା ୦୧ ନଭେମ୍ବର,୨୦୨୩ ରିଖ ଠାରୁ ୨୪ ନଭେମ୍ବର, ୨୦୨୩ ରିଖ ପର୍ଯ୍ୟନ୍ତ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ବ୍ଲକ ଗୁଡିକରେ ଅନୁଷ୍ଠିତ ହେବ । ତାଲିମ ସମାପ୍ତ କଲା ପରେ ପ୍ରଶିକ୍ଷଣ ପ୍ରାପ୍ତ ପ୍ରାର୍ଥୀ/ ପ୍ରାର୍ଥୀନୀ ମାନଙ୍କୁ ତାଲିମ ପ୍ରଦାନକାରୀ ସଂସ୍ଥା ମାନେ ବିଭିନ୍ନ ବେସରକାରୀ ସଂସ୍ଥା ମାନଙ୍କରେ ନିଯୁକ୍ତି ଦେବାପାଇଁ ବ୍ୟବସ୍ଥା କରିବେ । ପ୍ରାର୍ଥୀ/ ପ୍ରାର୍ଥୀନୀମାନେ ସେମାନଙ୍କ ଶିକ୍ଷ୍ୟାଗତ ଯୋଗ୍ୟତା ଅନୁଯାୟୀ ଇଚ୍ଛା ମୁତାବକ ଟ୍ରେଡ/ ବିଭାଗରେ ତାଲିମ ନେଇପାରିବେ । ପ୍ରଶିକ୍ଷଣ ସମୟରେ ପ୍ରଶିକ୍ଷଣ, ରହିବା ଏବଂ ଖାଦ୍ୟପେୟ ବାବଦର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରବେ । ଏହି ମେଳାରେ ଦିବ୍ୟାଙ୍ଗ ପ୍ରାର୍ଥୀ/ ପ୍ରାର୍ଥୀନୀ ମାନଙ୍କ ପାଇଁ ସ୍ୱତନ୍ତ୍ର ଦକ୍ଷତା ବିକାଶ ତାଲିମର ସୁଯୋଗ ରହିଛି । ଯେଉଁ ପ୍ରାର୍ଥୀ/ ପ୍ରାର୍ଥୀନୀ ବିଶ୍ୱ ଦକ୍ଷତା କେନ୍ଦ୍ର, ଭୁବନେଶ୍ୱର/ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଅଥବା ସରକାରୀ ପଲିଟେକନିକ, ଯାଜପୁରରେ ଉପଲବ୍ଧଥିବା ବିଭିନ୍ନ ଡିପ୍ଲୋମା ପାଠ୍ୟକ୍ରମରେ ଆଡମିଶନ ପାଇଁ ଇଚ୍ଛୁକ ଥିବେ ସେମାନେ ମଧ୍ୟ ସେଥିପାଇଁ ସୁଯୋଗ ନେଇପାରିବେ ।

ଯାଜପୁର ଜିଲ୍ଲାର ସମସ୍ତ ପ୍ରାର୍ଥୀ/ ପ୍ରାର୍ଥୀନୀ ମାନଙ୍କୁ ଅନୁରୋଧ କରାଯାଉଅଛି ଯେ ସେମାନେ ଏହାର ସୁଯୋଗ ନେବା ପାଇଁ ଏହି ଶିବିରରେ ନିଜର ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଆଧାର ଏବଂ ଫଟୋ ସହିତ ଯୋଗଦାନ କରନ୍ତୁ ।

| କ୍ରମିକ | ବ୍ଲକ୍‌ର ନାମ | ତାରିଖ | ସମୟ ସକାଳ |
|---|---|---|---|
| ୧ | ଯାଜପୁର | ୦୧-୧୧-୨୦୨୩ | ୧୦.୦୦ ଠରୁ ୨.୦୦ ଘଟିକା |
| ୨ | ବିଂଝାରପୁର | ୦୩-୧୧-୨୦୨୩ | ୧୦.୦୦ ଠରୁ ୨.୦୦ ଘଟିକା |
| ୩ | ଦଶରଥପୁର | ୦୭-୧୧-୨୦୨୩ | ୧୦.୦୦ ଠରୁ ୨.୦୦ ଘଟିକା |
| ୪ | ଦାନଗଦି | ୧୪-୧୧-୨୦୨୩ | ୧୦.୦୦ ଠରୁ ୨.୦୦ ଘଟିକା |
| ୫ | କୋରେଇ | ୧୫-୧୧-୨୦୨୩ | ୧୦.୦୦ ଠରୁ ୨.୦୦ ଘଟିକା |
| ୬ | ବଡ଼ଚଣା | ୧୭-୧୧-୨୦୨୩ | ୧୦.୦୦ ଠରୁ ୨.୦୦ ଘଟିକା |
| ୭ | ଧର୍ମଶାଳା | ୨୧-୧୧-୨୦୨୩ | ୧୦.୦୦ ଠରୁ ୨.୦୦ ଘଟିକା |
| ୮ | ରସୁଲପୁର | ୨୨-୧୧-୨୦୨୩ | ୧୦.୦୦ ଠରୁ ୨.୦୦ ଘଟିକା |
| ୯ | ବରୀ | ୨୩-୧୧-୨୦୨୩ | ୧୦.୦୦ ଠରୁ ୨.୦୦ ଘଟିକା |
| ୧୦ | ସୁକିନ୍ଦା | ୨୪-୧୧-୨୦୨୩ | ୧୦.୦୦ ଠରୁ ୨.୦୦ ଘଟିକା |

ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ

ଯାଜପୁର

District Skill Development-cum-